## ଟ୍ରକ୍ ଚାପାରେ ୨ ବାଇକ୍ ଆରୋହୀ ମୃତ

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଏନ୍ଏଚ୍ ୫୨୦ର ଟଣ୍ଡୋସ୍ଥିତ ଏୟାରଷ୍ଟ୍ରିପ୍ ନିକଟରେ ଏକ ଅଜଣା ଟ୍ରକ୍ ଚାପାରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟଙ୍କର ପରିଚୟ ମିଳିପାରି ନ ଥିବା ବେଳେ ଦୁର୍ଘଟଣା ଘଟାଇ ଟ୍ରକ୍ଟି ପଳାୟନ କରିଛି। ଓଡି ୦୯ ଏ ୨୫୬୪ ନମ୍ବର ବିଶିଷ୍ଟ ବାଇକ ଯୋଗେ ଯୁବକ ଦ୍ୱୟ ରୁଗୁଡ଼ି ଆଡୁ ଭଦ୍ରାସାହି ଆଡକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି। ସଞ୍ଜୟ କୁମାର ସାହୁଙ୍କ ନାମରେ ବାଇକ୍ର ପଞ୍ଜୀକରଣ ହୋଇଥିବାବେଳେ ମୃତକଙ୍କ ଠିକ୍ ପରିଚୟ ପୋଲିସ ପାଇପାରିନାହିଁ।

## ସଂକ୍ଷେପରେ

### ଜାମଶୂଳୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜଣେ ମୃତ, ଜଣେ ଗୁରୁତର

ବସ୍ତା,(ହରିଶଙ୍କର ପାଢ଼ୀ)/ ବାଲିଆପାଳ(ଅମୂଲ୍ୟ କୁମାର ଦାସ), ୧୬।୧୧–ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ଥାନା ଅଧୀନ ଜାମଶୁଳୀ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ବସ୍ତା ଥାନା ଅଧୀନ ପତ୍ରଝଡା ଗ୍ରାମର ନାଲୁ ମୁର୍ମୁ ଏବଂ ତାଙ୍କର ସମ୍ପର୍କୀୟ ଭାଇ ରାସଗୋବିନ୍ଦପୁର ଥାନା ପାରୁଳିଆ ଗ୍ରାମର ସାରୁ ହାଁସଦା ସିଂଲା ଗାଁର ବନ୍ଧୁ ଘରୁ କାମ ସାରି ସାଇକେଲରେ ଘରକୁ ଫେରୁଥିବା ବେଳେ ବସ୍ତା–ବାଲିଆପାଳ ମୁଖ୍ୟ ରାସ୍ତାର ଜାମଶୁଳୀ ଛକନିକଟରେ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଘଟଣାସ୍ଥଳରେ ସାରୁଙ୍କ ମୃତ୍ୟୁ ହୋଇଥିବା ବେଳେ ନାଲୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୁରା ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ ଭଜହରି ପରିଡ଼ା ବସ୍ତା ହସ୍ପିଟାଲରେ ଭର୍ତ୍ତି କରି ସିଂଲା ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଭୁବନମୋହନ ସେଠୀ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମାମଲା(ନଂ.୨୩୦/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ପୋଲିସ ବାଇକ୍ ଚୋରି କରି ଜେଲ ଗଲେ ଗୃହରକ୍ଷୀ

ଭଦ୍ରକ, ୧୬।୧୧(ସନାତନ ରାଉତ)– ଭଦ୍ରକ ଚରମ୍ପାସ୍ଥିତ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରୁ ଏକ ପୋଲିସ ବାଇକ୍ ଚୋରି କରି ଜେଲ ଗଲେ ଗୃହରକ୍ଷୀ ଚନ୍ଦନ ବାରିକ। କିଛିଦିନ ତଳେ ଏକ ଆପାଚି ମୋଟର ସାଇକେଲ ଚନ୍ଦନ ଚୋରି କରି ନେଇ ଗ୍ୟାରେଜ୍ରେ ଗାଡ଼ିର ରଙ୍ଗ ବଦଳାଇ ବ୍ୟବହାର କରୁଥିଲେ। ବାଇକ୍ ଚୋରି ନେଇ ରିଜର୍ଭ ପୋଲିସ ଇନ୍ସପେକ୍ଟର ଦୀପକ ପରିଡ଼ାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ମାମଲା (ନଂ.୬୦୧/୨୩) ରୁଜୁ ହୋଇଥିଲା। ଚନ୍ଦନ ଚଲାଉଥିବା ବାଇକ୍ଟି ଉକ୍ତ ଚୋରି ବାଇକ୍ ବୋଲି ଜଣାପଡ଼ିବା ପରେ ତାଙ୍କ ସମେତ ଗ୍ୟାରେଜ ମିସ୍ତ୍ରି ଚରମ୍ପା ଏରେଇଁ ଚୁନଟୀ ଗ୍ରାମର ସାହାଦତ୍ ଖାଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ଖୁଣ୍ଟା ପ୍ରିମିୟର ଲିଗ୍: କ୍ରେଜି ଏକାଦଶ ଚାମ୍ପିୟନ

ଖୁଣ୍ଟା,୧୬।୧୧ (ଦେବରଞ୍ଜନ ବେହେରା)– ମୟୂରଭଞ୍ଜ ଜିଲା ଖୁଣ୍ଟା ୟୁନିକ କ୍ରିକେଟ କ୍ଲବ ଆନୁକୂଲ୍ୟରେ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଖୁଣ୍ଟା ପ୍ରିମିୟର ଲିଗ୍ (କେପିଏଲ୍) ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ୧୩ ଦିନ ବ୍ୟାପୀ ଏହି ଟୁର୍ନାମେଣ୍ଟରେ ୬ ଫ୍ରାଞ୍ଚାଇଜ ଟିମ୍ ଅଂଶଗ୍ରହଣ କରିଥିଲେ। କେ ପି ୱାରିୟର ଓ କ୍ରେଜି ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। କ୍ରେଜି ଏକାଦଶ ୨୦ ଓଭର ବିଶିଷ୍ଟ ଏହି ଖେଳରେ ବ୍ୟାଟିଂ କରି ୧୫୧ ରନ୍ ସଂଗ୍ରହ କରିଥିଲା। କେ ପି ୱାରିୟର ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରିଥିଲା। କ୍ରେଜି ଏକାଦଶ ଚାମ୍ପିୟନ ହୋଇଛି। ଆଲୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସେରା ଟାଇଲ୍ସ ଆଣ୍ଡ ମାର୍ବଲ୍ସ ଏଣ୍ଟରପ୍ରାଇସେସ, ଖୁଣ୍ଟାର ମୁଖ୍ୟ ମୃତ୍ୟୁଞ୍ଜୟ ପୃଷ୍ଟି, ଅନ୍ୟତମ ଅତିଥି ଗୋପବନ୍ଧୁ ନଗର ବ୍ଲକର ସି.ପି ନରେନ୍ଦ୍ର ସିଂ, ଖବରଦାତା ତପନ ମହାନ୍ତି, ସୁଧାଂଶୁ ମଲ୍ଲୁଆଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟ୍ରଫି ଓ ରନର୍ସଅପ୍ କପ୍ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ସିରିଜ ରୂପେ ରଜତ ପାତ୍ର ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବୁଧୁ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା।

# ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଗୁରୁତ୍ୱ

■ଉନ୍ନୟନ,ଜନକଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

■ଜିଲାସ୍ତରୀୟ 'ଦିଶା' କମିଟି ବୈଠକ

ବାରିପଦା,୧୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବୈଠକରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲାସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ(ଦିଶା) କମିଟିର ସପ୍ତମ ବୈଠକ ଗୁରୁବାର ବାରିପଦା ମୁର୍ଗାବାଡ଼ିସ୍ଥିତ ଜିଲା ଆଦିବାସୀ କଲ୍ୟାଣ କୌଶଳ ଅଭିବୃଦ୍ଧି ସାଧନ କେନ୍ଦ୍ର (ପ୍ରୟାସ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ଅଧ୍ୟକ୍ଷତା କରିଥିଲେ। ଆଦିବାସୀ ବହୁଳ ଜିଲାର ସାମଗ୍ରିକ ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଓ ସହାୟତାକୁ ନେଇ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବ ବୈଠକର ଆପତ୍ତି ଅଭିଯୋଗ ଏବଂ ଲଘୁ ଖଣିଜ ଦ୍ରବ୍ୟର ଉପଯୁକ୍ତ ବ୍ୟବହାର ଓ ଚୋରା ଚାଲାଣ ରୋକିବା ଦିଗରେ ଆଲୋଚନା ହୋଇଥିଲା। ରାସ୍ତା, ପାନୀୟ ଜଳ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ କାର୍ଯ୍ୟଗୁଡ଼ିକ ମନମୁଖି ଭାବେ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ବୈଠକରେ ବାଲେଶ୍ୱର ଏମ୍ପି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସମେତ ଜିଲାସ୍ତରୀୟ ଲାଇନ ବିଭାଗର ଅଧିକାରୀ, ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଧ୍ୟକ୍ଷ ତଥା 'ଦିଶା' କମିଟିର ଲୋକ ପ୍ରତିନିଧି ସଭ୍ୟାସଭ୍ୟ ଓ ସଦସ୍ୟାସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ



ଉତ୍ସବରେ ମଞ୍ଚାସୀନ ମନ୍ତ୍ରୀ ଓ ଅତିଥିଗଣ।

ରାଇବଣିଆ, ୧୬।୧୧(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଖୁଆଡ଼ସ୍ଥିତ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ସମାରୋହ ଅବସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ୧ କୋଟି ଟଙ୍କା ବିନିମୟରେ ୧୦୦ଶଯ୍ୟା ବିଶିଷ୍ଟ ଅତିରିକ୍ତ ଆବାସ, ୩୧ଲକ୍ଷ ଟଙ୍କା ବିନିମୟରେ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ୩୬ଶଯ୍ୟା ବିଶିଷ୍ଟ ନୂତନ ଗଣେଶ ହଷ୍ଟେଲ ଉଦ୍‌ଘାଟନ ଓ ୧୯ଲକ୍ଷ ୫୦ହଜାର ଟଙ୍କାର ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଓଡିଆ ବିଭାଗର ପ୍ରଫେସର ରାଖାଲ ଚନ୍ଦ୍ର ଘଡାଇ ମଞ୍ଚ ଆହ୍ୱାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ତଥା ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ କାପୁଡ଼ି ସଭା ପରିଚାଳନା କରିଥିଲେ।

ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁବିକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ଓ ଅବକାରୀ ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଶା ଭାଷା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଇତିହାସ ବିଭାଗର ଅଧ୍ୟକ୍ଷ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ଶରତ କୁମାର ଚାନ୍ଦ, ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଖଦେବ ପ୍ରମାଣିକ, ଅବସରପ୍ରାପ୍ତ ବନସଂରକ୍ଷକ ଅବନୀ କୁମାର ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ସିଂ, ଶିଳ୍ପପତି ଦିଲ୍ଲୀପ କୁମାର ମହପାତ୍ର ଅବସରପ୍ରାପ୍ତ ଜିଲା ମୃତ୍ତିକା ସଂରକ୍ଷଣ ଅଧିକାରୀ ଦାମୋଦର ସୋରେନ୍ ପ୍ରମୁଖ ସହିତ ବିଦ୍ୟାଳୟ ପରିଚାଳନା କମିଟିର ୪ଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# 'ସମବାୟ ଆନ୍ଦୋଳନ' ଉପରେ ପ୍ରତିଯୋଗିତା

ଭଦ୍ରକ, ୧୬।୧୧ (ରବିନାରାୟଣ ଖିଲାର)



ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭଦ୍ରକ ଡିଆର୍‌ଡିଏ ସଭାଗୃହରେ ଏଆର୍‌ସିଏସ୍ ଭଦ୍ରକ ସର୍କଲ ପକ୍ଷରୁ ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ ଅବସରରେ 'ସମବାୟ ଆନ୍ଦୋଳନ' ଶୀର୍ଷକରେ ଏକ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲାର ସମସ୍ତ ସ୍କୁଲ ଓ କଲେଜରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ନାୟକ, ବିଶ୍ୱନାଥ ନାୟକ, ରାଧାରାଣୀ ମହାପାତ୍ର, ପ୍ରଫୁଲ୍ଲ ସାହୁ, ପଣ୍ଡିତ ଦୟାନିଧି ମିଶ୍ର ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତି ବିଚାରକ ଭାବେ ଯୋଗ ଦେଇଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ହେଲେ ବକ୍ତୃତାରେ ବରିଷ୍ଠ ବିଭାଗରେ ସୋହାନା କ୍ୱାଦ୍ରି ପ୍ରଥମ, ମାଜେଦା ଖାନମ ଦ୍ୱିତୀୟ ଓ ସନ୍ତୋଷୀ ସାହୁ ତୃତୀୟ, କନିଷ୍ଠ ବିଭାଗରେ ମୋନାଲିସା ରାଉତ ପ୍ରଥମ, ଅକ୍ଷରା ପଣ୍ଡା ଦ୍ୱିତୀୟ, ଆଦ୍ୟାଶା ଦାସ ଓ ସଦାନନ୍ଦ ପଣ୍ଡା ଯୁଗ୍ମ ତୃତୀୟ ହୋଇଛନ୍ତି। ସେହିପରି ପ୍ରବନ୍ଧରେ ବରିଷ୍ଠ ବିଭାଗରେ ମାଜେଦା ଖାନମ ପ୍ରଥମ, ସୋହନା ଖାନମ ଦ୍ୱିତୀୟ ଓ ସୁଗୀ ମାଝୀ ତୃତୀୟ, କନିଷ୍ଠ ବିଭାଗରେ ଜାଗୃତି ଯାଜ୍ଞସେନୀ ବାରିକ ପ୍ରଥମ, ସ୍ମୃତିରେଖା ଦାସ ଦ୍ୱିତୀୟ ଏବଂ ଓମ୍ ପ୍ରକାଶ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ଆସନ୍ତା ୧୮ରେ ଟାଉନ ହଲ୍‌ଠାରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଭଦ୍ରକ ସମବାୟ ସମିତି ସମୂହ ଉପ ସହକାରୀ ନିବନ୍ଧକ ସତ୍ୟ ପ୍ରକାଶ ସେଠୀ ସଞ୍ଚାଳନ କରିଥିଲେ। ସହକାରୀ ନିବନ୍ଧକ ପ୍ରୀତୀତ ଜେନା, ବସନ୍ତ କୁମାର ରଣା, ବାବାଜୀ ଚରଣ ମଲ୍ଲିକ, ମୃତ୍ୟୁଞ୍ଜୟ ପଣ୍ଡା, ଇତିରେଖା ମଲ୍ଲିକ, ପ୍ରଜ୍ଞା ସାମଲ, ସୁଶାନ୍ତ ନାୟକ ପ୍ରମୁଖ ସମବାୟ ଅଧିକାରୀ ଉପସ୍ଥିତ ଥିଲେ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଯୋଡ଼ା(ମାନସ ମହାନ୍ତି)/ବଡ଼ବିଲ (ଦେବପ୍ରିୟ ରଣା), ୧୬।୧୧

କେନ୍ଦୁଝରେ କମାରଯୋଡ଼ାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛ ପାର୍ଶ୍ୱରେ ଥିବା ଜବରଦଖଲ ଜମିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉକ୍ତ ଜମିରେ ଗୋଷ୍ଠୀକେନ୍ଦ୍ର ଓ କଲ୍ୟାଣ ମଣ୍ଡପ ନିର୍ମାଣ ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ବାଂଶପାଣି ମୌଜା, ପ୍ଲଟ ନଂ. ୭୧୯ରେ ଥିବା ପ୍ରାୟ ୧୫ ଡିସିମିଲି ସରକାରୀ ଜମିକୁ ଜଣେ ଇଟା ବ୍ୟବସାୟୀ ଜବରଦଖଲ କରିଥିଲେ। ପ୍ରଶାସନ ପକ୍ଷରୁ ଗୁରୁବାର ଉକ୍ତ ଜମିରୁ ଜବରଦଖଲ ମୁକ୍ତ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବଡ଼ବିଲ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଯୋଡା ପୌରପାଳିକାର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଅଭିଷେକ ପଣ୍ଡା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବଡ଼ବିଲ ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ କହିଥିଲେ ଯେ, ତାଙ୍କ ଉପସ୍ଥିତିରେ ସରକାରୀ ଜବର ଦଖଲ ଜମିକୁ ଉଚ୍ଛେଦ କରଯାଇଛି। ସେଠାରେ ଗୋଷ୍ଠୀକେନ୍ଦ୍ର ଓ କଲ୍ୟାଣ ମଣ୍ଡପ ନିର୍ମାଣ ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ

ପାଟଣା,୧୬।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ବାଉଁଶୁଳି ଛକ ନିକଟରୁ ବୁଧବାର ବିଳମ୍ବିତ ରାତିରେ ତୁରୁମୁଙ୍ଗା ପୋଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଜବତ କରିଛି। ସେଥିରୁ ୯ ଗୋରୁ ଉଦ୍ଧାର କରିବା ସହ ଗାଡ଼ିର ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ଯାଜପୁର ଥାନା ହରିପୁର ଗ୍ରାମର ତପନ କୁମାର ବିଶ୍ୱାଳ (୩୨) ଓ ହେଲପର ଯାଜପୁର ଟାଉନ ଥାନା ପହଙ୍ଗା ଗ୍ରାମର ରବୀନ୍ଦ୍ର ବେହେରା (୩୦)। ପୋଲିସ ଉଦ୍ଧାର ୯ ଗୋରୁଙ୍କୁ ଗୋଶାଳାରେ ଛାଡ଼ିଛି। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୧୯୮/୨୩) ରୁଜୁହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଏଏସ୍‌ଆଇ ଯମୁନା ମାରାଣ୍ଡୀ କହିଛନ୍ତି।

# 'ସାମାଜିକ ସଂସ୍କାରରେ ସହାୟକ ହେଉ ଗଣମାଧ୍ୟମ'

## ଜାତୀୟ ପ୍ରେସ୍ ଦିବସ

ଭଦ୍ରକ,(ସନାତନ ରାଉତ)/ଧାମନଗର, (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଦ୍ଦିଆ), ୧୬।୧୧

ସୁସ୍ଥ ଗଣତନ୍ତ୍ର ପାଇଁ ସୁସ୍ଥ ଗଣମାଧ୍ୟମର ଆବଶ୍ୟକତା ଅପରିହାର୍ଯ୍ୟ। ଗଣମାଧ୍ୟମ ସମାଜ ପାଇଁ ଗୋଟିଏ ସ୍ୱଚ୍ଛ ଓ ନିର୍ମଳ ଦର୍ପଣ ଭଳି କାମ କରିଥାଏ। ସମାଜରେ ସଂସ୍କାର ଆଣିବା କ୍ଷେତ୍ରରେ ଗଣମାଧ୍ୟମ ସହାୟକ ହେଉ ବୋଲି ଗୁରୁବାର ଭଦ୍ରକ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ମତବ୍ୟକ୍ତ କରିଥିଲେ। ଜିଲା ପ୍ରଶାସନ ଆନୁକୂଲ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ପରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଖବରଦାତା ଦୁର୍ଗାଶଙ୍କର ବିଶ୍ୱାଳ, ନୀହାର ରଞ୍ଜନ ଦାସ, ପ୍ରମୋଦ କୁମାର ରାୟ, ପ୍ରତାପ କୁମାର ଦାସ, ସ୍ମୃତି ରଞ୍ଜନ ସାହୁ, ଡ. ହରିହର ନାୟକ, ଅଶୋକ କୁମାର ନାୟକ, ନରେନ୍ଦ୍ର କୁମାର ସାମଲ ପ୍ରମୁଖ ଯୋଗଦେଇ 'କୃତ୍ରିମତା ଯୁଗର ଗଣମାଧ୍ୟମ' ଶୀର୍ଷକ ଆଲୋଚନାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ ଗଣମାଧ୍ୟମର ସକାରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ଖବରଦାତା ପ୍ରକାଶ ମହାପାତ୍ର, ସନାତନ ରାଉତ, ପ୍ରଭାତ ଦାସ, ସୁବ୍ରତ ପାଲ, ସଞ୍ଜୀବ ସେନାପତି, ଶୁଭ୍ରକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଖବରଦାତା ଭଜଗୋବିନ୍ଦ ଜେନା, ଅମର ନାୟକ ଓ ଅନୀଲ ନାୟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ରୂପକ ବିହାରୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ଓ ବ୍ଲକସ୍ତରର ଖବରଦାତାମାନେ ଉପସ୍ଥିତ ଥିଲେ। ସେହିପରି ଧାମନଗର ପ୍ରେସ କ୍ଲବ ପକ୍ଷରୁ ବଡ଼ବଜାରସ୍ଥିତ ଅବଦୁଲ କଲାମ ପାଠାଗାରରେ ପ୍ରେସ୍ ଦିବସ ପାଳନ କରାଯାଇଛି। କ୍ଲବ ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ରଜତ ପଣ୍ଡା, ଅନୀଲ ବାରିକ, ରସାନନ୍ଦ ମହାପାତ୍ର, କୈଳାସ ଚନ୍ଦ୍ର ଗୁପ୍ତା, ଗୋଲାମ ଜିଲାନୀ ହବିବି, ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ସନ୍ତୋଷ ମହାପାତ୍ର, ସଞ୍ଜୀବ ମହାନ୍ତି, ବିବେକ ସାମଲ, ଅନନ୍ତ ଜେନା, ପ୍ରମୋଦ ସ୍ୱାଇଁ, ବିଶ୍ୱଜିତ ପଲାଇ, ଅନନ୍ତ ଜେନା, ରମେଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ମଲ୍ଲିକ, କୁଳମଣି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# 'ସମାଜ ଗଠନରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ବିଜେତା ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ବଡ଼ବିଲ,୧୬।୧୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ର ସଦସ୍ୟ ବଳରାମ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ସୁବୋଧ ଦାସଙ୍କ ଅଧ୍ୟକ୍ଷତାରେ ସଦସ୍ୟ ଦେବପ୍ରିୟ ରଣା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବଡ଼ବିଲ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଦିଲୀପ ମିଶ୍ର ଯୋଗଦେଇ ସତ୍ୟ ଖବରକୁ ଲୋକଲୋଚନକୁ ଆଣି ସମାଜ ଗଠନ ଦିଗରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବଡ଼ବିଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅସିତ ପ୍ରଧାନ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣଙ୍କୁ ସମ୍ବୋଧିତକରି ଦେଶର ୪ଟି ସ୍ତମ୍ଭ ମଧ୍ୟରୁ ୩ଟି ସ୍ତମ୍ଭ ଉପରୁ ଯେତେବେଳେ ଜନସାଧାରଣଙ୍କ ଆସ୍ଥା ତୁଟିଯାଏ, ସେତେବେଳେ ଲୋକେ ୪ର୍ଥ ସ୍ତମ୍ଭ ଉପରେ ଆଶା ବାନ୍ଧିଥାଆନ୍ତି। ସମ୍ମାନିତ ଅତିଥିଭାବେ ଆଧ୍ୟାତ୍ମିକ ଚେତନାର ଦିଗ୍‌ଦର୍ଶକ ବ୍ରଜକିଶୋର ପଣ୍ଡା, ଅନ୍ୟମାନଙ୍କ ମଧ୍ୟରେ ବଡ଼ବିଲ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରତାପ କିଶୋର ଦାସ, ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରିର ମୁଖ୍ୟ ଟ୍ରଷ୍ଟି ରାଜକିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ତ୍ରିବେଣୀ କଳାକେନ୍ଦ୍ରର ନୃତ୍ୟାଙ୍ଗନାଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ନୃତ୍ୟାଙ୍ଗନା ଏବଂ ନୃତ୍ୟଗୁରୁ ରେଖା ମହାନ୍ତିଙ୍କୁ କ୍ଲବ୍ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ପୌରପାଳିକାର ୱାର୍ଡ କାଉନ୍‌ସିଲର, ପୌର କର୍ମଚାରୀ, ଆଇନଜୀବୀ ଏବଂ ଅଞ୍ଚଳର ବିଭିନ୍ନ ବର୍ଗରୁ ଲୋକେ ଯୋଗଦେଇଥିଲେ। ନିର୍ମଳ ପତି, ଶାନ୍ତନୁ ଦାଶ, ରଘୁନାଥ ସାହୁ, ଚିତ୍ତରଞ୍ଜନ କର, ଦେବକାନ୍ତ ଦାସ, ଅଜୟ ଗିରି, ଅଶୋକ ମହାନ୍ତ, ସୀତାରାମ ଦୀକ୍ଷିତ, ମକରଧ୍ୱଜ ବାଗ, ଡିମ୍ପଲ ସାଣ୍ଡିଲ, ବିଶ୍ୱଜିତ ମହାନ୍ତ, ଧରଣୀଧର ମହାନ୍ତ, ଅଂଶୁମାନ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ଗୁଣକୁ ପରିପ୍ରକାଶ କରେ ପ୍ରତିଯୋଗିତା'

## ଆନ୍ତଃବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା

ନୀଳଗିରି,୧୬।୧୧(ପ୍ରଶାନ୍ତ ବିଶ୍ୱାଳ)


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନୀଳଗିରି ବ୍ଲକ ବଣଭୁଇଁ ସରକାରୀ ଉଚ୍ଚବିଦ୍ୟାଳୟଠାରେ ବୁଧବାର ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହ ପ୍ରତିଯୋଗିତା ହିଁ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ଗୁଣକୁ ପରିପ୍ରକାଶ କରିଥାଏ ବୋଲି କହିଥିଲେ। ସହକାରୀ ଯନ୍ତ୍ରୀ ରତିକାନ୍ତ ମଢେଇ, ବଣଭୁଇଁ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତଙ୍କ ସମେତ ଅନ୍ୟ ବିଦ୍ୟାଳୟରୁ ଆସିଥିବା ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପକ୍ଷରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲାର ୧୦ଟି (ଏସ୍‌ଏସ୍‌ଡି) ହାଇସ୍କୁଲ ସହ ଇଏମ୍‌ଆର୍‌ଏସ୍ (ଏକଲବ୍ୟ ମଡ଼େଲ ରେସିଡେନ୍‌ସିଆଲ ସ୍କୁଲ) ଭାଗ ନେଇଥିଲେ।

# ନ୍ୟାୟ ଅପେକ୍ଷାରେ ବାପଘର ଲୋକେ

## ବଧୂହତ୍ୟା ଅଭିଯୋଗ ଘଟଣା

### ମାସକ ପରେ ବି ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ଘସିପୁରା,୧୬।୧୧(ନିରଞ୍ଜନ ସାହୁ)

ଯାନିଯୌତୁକ ସହ ଧୁମଧାମରେ ଝିଅକୁ ବାହା ଦେଇଥିଲେ। ମାତ୍ର ବିବାହ ୩ ବର୍ଷ ପରେ ଯୌତକ ଲୋଭୀ ଶଶୁରଘର ଲୋକଙ୍କ ନିର୍ଯାତନା ସହ୍ୟକରି ନ ପାରି ଝିଅ ଆଖି ବୁଜିଲା। ଏ ନେଇ ବାପା ସନାତନ ସେଠୀ ଝିଅର ସ୍ୱାମୀ ମନୋଜ କୁମାର ସେଠୀଙ୍କ ସମେତ ଶାଶୁ, ଦିଅର, ନଣନ୍ଦ, ନଣନ୍ଦେଇଙ୍କ ନାମରେ ହତ୍ୟା ଅଭିଯୋଗ କରିଥିଲେ। ମାତ୍ର ପୋଲିସର ଅବହେଳା କାରଣରୁ ଘଟଣାକୁ ମାସେ ପୂରିବାକୁ ବସିଥିଲେ ବି ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ ବୋଲି ସନାତନ କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ଓ ଗିରଫଦାରି ବିଳମ୍ବକୁ ନେଇ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା ମଧ୍ୟ କରିଛନ୍ତି। ଶୀଘ୍ର ନ୍ୟାୟ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ସପରିବାର ଧାରଣାରେ ବସିବେ ବୋଲି ସନାତନଙ୍କ ପରିବାର ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ଆନନ୍ଦପୁର ଥାନା ଆଡ଼ହୁରିଆ ଗ୍ରାମର ସନାତନ ସେଠୀ ଜୁଲାଇ ୨୦୨୦ରେ ତାଙ୍କ ସାନଝିଅ ରୁନୁଶ୍ରୀଙ୍କୁ ନନ୍ଦିପଦା ଥାନା ସଡ଼ଙ୍ଗ ଗ୍ରାମର ନୃସିଂହ ଚରଣ ସେଠୀଙ୍କ ପୁଅ ମନୋଜଙ୍କ ସହ ବିବାହ ଦେଇଥିଲେ। ବିବାହ ସମୟରେ ଶ୍ୱଶୁରଘର ଲୋକଙ୍କ ଦାବି ମୁତାବକ ଯୌତୁକ ମଧ୍ୟ ଦେଇଥିଲେ। ପରେ ବିଭିନ୍ନ ସମୟରେ ଶ୍ୱଶୁରଘର ଲୋକେ ରୁନୁଶ୍ରୀକୁ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦେଉଥିଲେ। ଏପରିକି ଝିଅ ଓ ଜ୍ୱାଇଁ ଉଭୟ ଆନନ୍ଦପୁରଠାରେ ଭଡ଼ାଘରେ ରହୁଥିବା ସମୟରେ ପରିବାର ଲୋକେ ସେଠାକୁ ଆସି ଝିଅର ପେଟକୁ ଗୋଇଠା ମାରି ଗର୍ଭ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ୧୨ ଅକ୍ଟୋବର ୨୩ରେ ଶାଶୁଘର ଲୋକଙ୍କ ନିର୍ଯାତନାରେ ରୁନୁଶ୍ରୀ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ୧୬ ଅକ୍ଟୋବର ୨୩ରେ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅର ମୃତ୍ୟୁ ପାଇଁ ଶାଶୁଘର ଲୋକଙ୍କୁ ଦାୟୀକରି ସନାତନ ୨୧ଅକ୍ଟୋବର ୨୦୨୩ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୩୭/୨୩) ରୁଜୁ କରିଛି। ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଉଦ୍ୟମ ଜାରି ରହିଛି। ଯେହେତୁ ସ୍ୱାମୀ ଓ ସ୍ତ୍ରୀ ଉଭୟ ପରିବାରଠାରୁ ଦୂରରେ ଭଡ଼ାସୂତ୍ରରେ ରହୁଥିଲେ, ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ଅନ୍ୟମାନଙ୍କ ସମ୍ପୃକ୍ତିର ଚିତ୍ର ସ୍ପଷ୍ଟ ହେବ ବୋଲି ପ୍ରକାଶ କରିଛନ୍ତି।

## ଦୋକାନ ଜଳିଗଲା

ସୋର,(ଜନ୍ମେଜୟ ମିଶ୍ର)-ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର କଲେଜ ନିକଟରେ ଥିବା ଏକ ଦୋକାନରେ ବୁଧବାର ବିଳମ୍ବିତ ରାତ୍ରିରେ ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୫୦ ହଜାର ଟଙ୍କାର ସାମଗ୍ରୀ ପୋଡିଯାଇଛି। ତଳ ନଗର ପଞ୍ଚାୟତ ହାବେଳିଗଣ୍ଡତରା ଗ୍ରାମର ଭରତ ବିଶ୍ୱାଳ ତଳନଗର କଲେଜ ଛକ ନିକଟରେ ଦୀର୍ଘଦିନ ଧରି ଏକ ଚା' ପାନ ସହିତ କ୍ଷେଣନାରୀ ଦୋକାନ କରି ଚଳୁଥିଲେ। ଭରତ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କିଛିସମୟ ପରେ ଦୋକାନରେ ନିଆଁ ଲାଗିଯାଇଥିବା ଖବରପାଇ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ରେମୁଣା ଭାଜପା ପକ୍ଷରୁ ରେମୁଣା ବ୍ଲକ ଘେରାଉ, ସ୍ଥାନ: ରେମୁଣା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ୍।

**ଭଦ୍ରକ**

- ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକ, ସ୍ଥାନ: ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦।

## ପୋଲିସକୁ ଆକ୍ରମଣ ଘଟଣା ମା' ଝିଅଙ୍କ ସମେତ ୪ ଗିରଫ

ବାସୁଦେବପୁର,୧୬।୧୧(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ ବୁଧବାର ଏକ ଟ୍ରାକ୍ଟର ଜବତ କରିବାକୁ ବିନାୟକପୁର ଗ୍ରାମକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଥିଲା। ଆକ୍ରମଣରେ ଥାନା ଏସ୍ଆଇ ଦୀପ୍ତିମଞ୍ଜରୀ ବଡ଼ଜେନା, ଏସ୍ଆଇ ସୂର୍ଯ୍ୟକାନ୍ତ ମହାନ୍ତି ଓ କନଷ୍ଟେବଲ ଜାନକୀ ବେହେରା ଆହତ ହୋଇଥିଲେ। କାର୍ଯ୍ୟରତ ତଥା କାର୍ଯ୍ୟରେ ବାଧା ଉପୁଜାଇ ପୋଲିସକୁ ଆକ୍ରମଣ ନେଇ ଏସ୍ଆଇ ସୂର୍ଯ୍ୟକାନ୍ତଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୬୫୮/୨୩) ରୁଜୁ କରାଯାଇଛି। ଏହି ଘଟଣାରେ ଆକ୍ରମଣକାରୀ ମା' ଝିଅଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିନାୟକପୁର ଗ୍ରାମର ସଂଯୁକ୍ତା ମଳିକ(୫୦) ଓ ତାଙ୍କ ଝିଅ ମୌସୁମୀ ମଳିକ(୨୩), ସହଯୋଗୀ ପ୍ରଦୀପ ମଳିକ(୨୧) ଓ ଅଜୟ ମଳିକ(୨୫)। ଗିରଫ ୪ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ମାନାପୁରମ ଅର୍ଥ ଲଗାଣକାରୀ ସଂସ୍ଥା ପକ୍ଷରୁ ପ୍ରଦତ୍ତ ଏକ ଟ୍ରାକ୍ଟରର କିସ୍ତି ଖିଲାପ କରାଯାଇଥିବା ନେଇ ଅଭିଯୋଗ ଆଧାରରେ ପୋଲିସ ଜବତ ପାଇଁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଥିଲା।

## ବାତୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

କେନ୍ଦୁଝର,୧୬।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ବାତୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି ହୋଇଛି। ଭାଜପା ଜିଲା ଉପସଭାପତି ତଥା ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ରଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ସିଡିଏମଓ ଡା. କେସି ପୃଷ୍ଟିଙ୍କୁ ଲିଖିତଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ଉକ୍ତ ଡାକ୍ତରଖାନା ଉପରେ ବାତୋ ସମେତ ଆଖପାଖ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ତେବେ ଦୀର୍ଘ ବର୍ଷ ହେଲା ଡାକ୍ତର ନ ଥିବାରୁ ଲୋକମାନେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ସାଧାରଣ ରୋଗ ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯାଉଛନ୍ତି। ଅଞ୍ଚଳରେ ବିଶେଷ କରି ଅଧିକ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ସ୍ୱାସ୍ଥ୍ୟ ସେବା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ଡାକ୍ତର ନିଯୁକ୍ତି କରିବା ସହ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବାକୁ ନିବେଦନ କରିଛନ୍ତି। ଏହି ଦାବିରେ କିଛି ଦିନ ତଳେ ସ୍ଥାନୀୟ ଲୋକେ ମେଡ଼ିକାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାର ତୁରନ୍ତ ସମାଧାନ ନ ହେଲେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଇପିଏଫ୍ ପେନସନର୍ସ ଆସୋସିଏଶନର ବିକ୍ଷୋଭ

ବାଲେଶ୍ୱର, ୧୬।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଓ ସର୍ବଭାରତୀୟ ସଙ୍ଗଠନର ମିଳିତ ଆହ୍ୱାନକ୍ରମେ ବାଲେଶ୍ୱର ଜିଲା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ପେନସନର୍ସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅନାଦିଚରଣ ବେହେରା ଅଧକ୍ଷତା କରିଥିଲେ। ଜିଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ସଂଘର ରାଜ୍ୟ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଜିଲା କୋଷାଧକ୍ଷ ଜଳଧର ପଣ୍ଡା ଓ ମାୟାଧର ନାୟକ ପ୍ରମୁଖ ଯୋଗଦେଇ ଆସୋସିଏଶନର ଦାବିଗୁଡ଼ିକର ଯଥାର୍ଥତା ଓ ଅବସର ପରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ଦୁରବସ୍ଥା ସମ୍ପର୍କରେ ପ୍ରକାଶ କରିଥିଲେ। ଆସନ୍ତା ଡିସେମ୍ବର ୧୨ତାରିଖରେ ସର୍ବଭାରତୀୟ ଦିଲ୍ଲୀ ସମାବେଶରେ ପ୍ରତିନିଧିମାନେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ।

କେନ୍ଦ୍ର ସରକାର ତୁରନ୍ତ ଇପିଏଫ୍ ପେନସନଭୋଗୀଙ୍କୁ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ, ଅଧିକ ବେତନ ପାଇଥିବା କର୍ମଚାରୀଙ୍କୁ ଅବସର ପରେ ଅଧିକ ହାରରେ ପେନସନ୍, ସମସ୍ତ ଇପିଏଫ୍ ପେନସନଭୋଗୀଙ୍କୁ ମହଙ୍ଗା ଭତ୍ତା ଓ ସରକାରୀ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବାକୁ ବକ୍ତାମାନେ ଦୃଢ଼ ଦାବି କରିଥିଲେ। କେନ୍ଦ୍ର ସରକାର ଦେଶର ୭୭ଲକ୍ଷ ଇପିଏଫ୍ ପେନସନଭୋଗୀଙ୍କ ସମସ୍ୟା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ ନ କଲେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆସୋସିଏଶନ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଆସୋସିଏଶନର ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ, ସିଭିଲ ସୋସାଇଟିର ଜିଲା ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସଂଘର ନେତା ଭରତ ଚନ୍ଦ୍ର ସେଠୀ, ସାମାଜିକ କର୍ମୀ ସୀତାରାମ ପ୍ରଧାନ, ଡାକ କର୍ମଚାରୀ ସଂଘ ନେତା ନିରଞ୍ଜନ ରାଉତ ଓ ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ଅଫିସ ସମ୍ପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆସୋସିଏଶନ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## 'ଗଣମାଧ୍ୟମ ନିର୍ଭୀକ ହେଲେ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ସମ୍ଭବ'

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବେତନଟୀ(ଧରଣୀଧର ମହାନ୍ତି)/ଉଦଳା(ସନ୍ତୋଷ କୁମାର ବାଛିନୀ)/ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଲ୍ଲୁଆଲ),୧୬।୧୧

### ମୟୂରଭଞ୍ଜରେ ଜାତୀୟ ପ୍ରେସ୍ ଦିବସ ପାଳିତ

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଗଣମାଧ୍ୟମ ନିର୍ଭୀକ ହୋଇ ଖବର ପ୍ରସାରଣ କଲେ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ।

ବାରିପଦାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ମୁଖ୍ୟ ବକ୍ତା ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନନୀୟ ବକ୍ତା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ଏବଂ ବିଶିଷ୍ଟ ବକ୍ତା ଭାବେ ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକାନ୍ତ ବେହେରା, ରମେଶ ଖୁଣ୍ଟିଆ, ଶିବ ଶଙ୍କର ଦତ୍ତ, ରବୀନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ଧରଣୀଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ଡ.ବିଜୟ କୁମାର ଅଗ୍ରୱାଲ, ସ୍ୱତନ୍ତ୍ର ଅତିଥି ଭାବରେ ବେତନଟୀ ବିଡିଓ ନିର୍ଲିପ୍ତା ମହାନ୍ତି, ବାରିପଦା ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବ୍ରହ୍ମାକୁମାର ଚିତ୍ତରଞ୍ଜନ ମହାନ୍ତ, ଓଡ଼ିଆ ଖବର କାଗଜ ସମୟ ଚକର ସମ୍ପାଦକ ସର୍ବେଶ୍ୱର ଜେନା, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପଦେଷ୍ଟା ଅଜୟ କୁମାର କର, ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।

ଉଦଳାଠାରେ କପ୍ତିପଦା ଉପଖଣ୍ଡସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ,ମୁଖ୍ୟବକ୍ତା ତହସିଲଦାର ସତ୍ୟଜିତ୍ ମହାନ୍ତି, ସ୍ୱତନ୍ତ୍ର ବକ୍ତା ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ସମ୍ମାନିତ ବକ୍ତା ଅତିରିକ୍ତ ତହସିଲଦାର ଦିବ୍ୟାରତ୍ନା ଦାସ ଏବଂ ସମ୍ମାନିତ ଅତିଥି ଭାବେ ଡ. ଦିଲ୍ଲୀପ କୁମାର ଦିକ୍ଷୀତ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଗୋପବନ୍ଧୁ ନଗର ବ୍ଲକ ପ୍ରେସ୍ କ୍ଲବ ପକ୍ଷରୁ କୁଆମରା ଗ୍ରାମସଭା ଗୃହରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ କରୁଣାକର ଧିନ୍ଦା, ମୁଖ୍ୟ ବକ୍ତା ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥିଭାବେ ସିଡିପିଓ ସୁଜାତା ମହାପାତ୍ର, ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଗଣ୍ଡିବେଡ଼ ବଣିକ ସଂଘର କାଳୀପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ


ଉଦ୍‌ଯାପନୀ ସମାରୋହରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୧୬।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ବଣିକ ସଂଘ ଆନୁକୁଲ୍ୟରେ କାଳୀପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜାକଜକମରେ ଅନୁଷ୍ଠିତ ହୋଇଛି। ୧୨ତାରିଖ ରାତିରେ ଘଟ ଉତ୍ତୋଳନ ପରେ ମଧୁସୂଦନ ଆଚାର୍ଯ୍ୟ ଓ ସଦାଶିବ ଆଚାର୍ଯ୍ୟଙ୍କ ଦ୍ୱାରା ମା'ଙ୍କୁ ଆରାଧନା କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଜୁନିୟର ସିନିୟର ସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୧୫ ତାରିଖ ସନ୍ଧ୍ୟାରେ ବଣିକ ସଂଘ ସଭାପତି ଇଂ. ରାଜେଶ କୁମାର ମହାକୁଡଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ । ଏ ମାଟିର ଗର୍ବ ଗୌରବ ଆଣିଥବା ବାଲେଶ୍ୱର ମେଡିକାଲ କଲେଜର ସହକାରୀ ପ୍ରଫେସର ଡ. ଅନୀଲ ବୁଗୁଡାଇ, ସୁନାମଧନ୍ୟ ନାଟ୍ୟକାର ନବଘନ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦକ ରମାକାନ୍ତ ରାଉଳ, ଉପସଭାପତି ପୁରସ୍ତମ ମହାନ୍ତି, କୋଷାଧକ୍ଷ ପ୍ରତାପ ଚନ୍ଦ୍ର ଗିରି, ଉପଦେଷ୍ଟା ପଦ୍ମଲୋଚନ ଜେନା ଓ ମନୋରଞ୍ଜନ ମହାନ୍ତି, ସଂଯୋଜକ ଜୀବନ ଦାସ ମଞ୍ଚାସୀନ ଥିବା ବେଳେ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଗାୟକ ପ୍ରଭୁପାଦ ଓ ପିକେଙ୍କ ମନଛୁଆଁ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଥିଲା।

## ସରିଲା ବାନ୍ଦଣା ପର୍ବ

ମୋରଡ଼ା,୧୬।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ କୁଡୁମୀ ଓ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ୩ ଦିନ ଧରି ଅନୁଷ୍ଠିତ ବାନ୍ଦଣା ପର୍ବ ଶେଷ ହୋଇଛି। ଏହି ପର୍ବର ପ୍ରଥମ ଦିନକୁ ଜାଗରଣ କୁହାଯାଉଥିବା ବେଳେ ଉକ୍ତ ଦିନ ଚାଷୀମାନେ ଗାଈ, ଗୋରୁଙ୍କୁ ଗାଧୋଇ ଦେଇଥିଲେ। ଗ୍ରାମବାସୀ ମାଦଳ ବଜାଇ, ଗୀତ ଗାଇ ଗାଁକୁ ଗାଁ ବୁଲି ଥିଲେ। ଦ୍ୱିତୀୟ ଦିନ ଗୁହାଳ ପୂଜା କରାଯାଇଥିବା ବେଳେ ଶେଷ ଦିନରେ ଗୋରୁ ଖୁଣ୍ଟା ପର୍ବ ତଥା ବୁଢ଼ି ବାନ୍ଦଣା ପର୍ବ ଅନୁଷ୍ଠିତ ହୋଇଥିଲା। ଗାଁର ପୁରୁଷମାନେ ଗୋଟିଏ ସ୍ଥାନରେ ଖୁଣ୍ଟ ପୋତି ଗାଈଗୋରୁଙ୍କୁ ବାନ୍ଧି ମାଦଳ ଓ ଗୀତର ତାଳେ ତାଳେ ନାଚିବା ସହିତ ଗାଈଗୋରୁଙ୍କୁ ମଧ ନଚାଇଥିଲେ। ଏହି ବାନ୍ଦଣା ପର୍ବକୁ ଦେଖିବା ପାଇଁ ଲୋକେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ବ୍ଲକର ପୁରୁଣାପାଣି-କାକୁଡିହା, ଦାନ୍ତିଆମୁହାଁ, ଚିତ୍ରଡ଼ା ତଳସାହି, ବାରୁଡ଼ିହି ପ୍ରଭୃତି ସ୍ଥାନରେ ଉକ୍ତ ପର୍ବ ପାଳନ କରାଯାଇଥିଲା।

## ଜେସିବି ଅପରେଟରଙ୍କ ଅକାଳ ବିୟୋଗ

ପାଟଣା,୧୬।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ କେନ୍ଦୁଆପଡ଼ାରେ ଜଣେ ଜେସିବି ଅପରେଟରଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତକ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା କୋବିଲପୁର ଗ୍ରାମର ଦେବୀ ପ୍ରସନ୍ନ ତ୍ରିପାଠୀ(୪୧)। ଦେବୀ ଦୀର୍ଘ ୨୦ ବର୍ଷ ହେବ ଏକ ଠିକା ସଂସ୍ଥାରେ କାର୍ଯ୍ୟ କରିଆସୁଥିଲେ। ବୁଧବାର ବିଳମ୍ବିତ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସହକର୍ମୀ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୦/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଚାମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକ କହିଛନ୍ତି।

## ବିଭିନ୍ନ ଅନିୟମିତତା ନେଇ ଭାଜପାର ବ୍ଲକ ଘେରାଉ


ବ୍ଲକ ଆଗରେ ଧାରଣାରେ ବସିଥିବା ଭାଜପା ନେତା ଓ କର୍ମୀ।

ବାହାନଗା,୧୬।୧୧(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା, ବ୍ଲକରେ ନିୟମିତ ଯୋଜନା ବୈଠକ ନ ହେବା ପ୍ରତିବାଦରେ ବାହାନଗା ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯିବା ସହିତ ବ୍ଲକ ପରିସରରେ ଧାରଣା ଦିଆଯାଇଥିଲା। ଏହାର ସୋର ଭାଜପା ନେତା ତଥା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ରାକେଶ ମଲ୍ଲିକ ନେତୃତ୍ୱ ନେଇଥିଲେ। ବାହାନଗା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ତଥା କୃଷକ ନେତା ବୈରାଗୀ ଚରଣ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ମନୀଷା ବେହେରା, ଜିଲା ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ବେହେରା, ସୋର ପୌରାଧକ୍ଷ ମାଧବ ଧଡା, ବରିଷ୍ଠ ନେତା ରବୀନ୍ଦ୍ର କୁମାର ଜେନା, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ମୃତ୍ୟୁଞ୍ଜୟ ଜେନା, ମଣ୍ଡଳ ସଭାପତି କିଶ୍ୱର ବେହେରା, ଦିଲୀପ କୁମାର ଦାସ, ରବୀନ୍ଦ୍ର କୁମାର ମହାଳିକ, ସନାତନ ଦାସ, ରଞ୍ଜନ ଦାସ, ନିରୋଦ ପ୍ରଭା ପଣ୍ଡା, ଭବାନୀ ଶଙ୍କର ଦାଶ, ସୁଧାକର ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ମାଝି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ସବୁକ୍ଷେତ୍ରରେ ବିଫଳତାକୁ ନେଇ ବକ୍ତବ୍ୟ ମାଧମରେ ସମାଲୋଚନା କରିଥିଲେ। ପରେ ସୋର ନିର୍ବାଚନମଣ୍ଡଳୀର ସଂଯୋଜକ ରାଜାରାମ ମହାପାତ୍ର ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୌମ୍ୟଜିତ ଦାସମହାପାତ୍ର, ରଞ୍ଜନ ରାଉତ ଓ ମିଥୁନ ମହାଳିକ ପ୍ରମୁଖ ପରିଚାଳନା କରିଥିଲେ।

## ବିଲେଇପଦା-ଭାଗଲପୁର ରେଳ ଲାଇନ୍ ରାସ୍ତା ପରିଦର୍ଶନ କଲେ ଏମ୍‌ପି

ଯୋଡ଼ା,୧୬।୧୧(ମାନସ ମହାନ୍ତି)



କେନ୍ଦୁଝର ଲୋକସଭା ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ବୁଧବାର ବିରିକଳା ପଞ୍ଚାୟତର ବିଲେଇପଦା-ଭାଗଲପୁର୍ ଫାଟକ ବିହୀନ ରେଳ ଲାଇନ୍ ରାସ୍ତା ପରିଦର୍ଶନ କରିଛନ୍ତି। ଭାରତୀୟ ରେଳ ବିଭାଗର ଦୁଇ ଲାଇନ ବିଶିଷ୍ଟ ରେଳ ଧାରଣାରେ ଦୈନନ୍ଦିନ ଅନେକ ମାଲବାହୀ ଏବଂ ପାସେଞ୍ଜର୍ ରେଳ ଗାଡ଼ି ଚଳାଚଳ କରୁଛି। ଉକ୍ତ ଫାଟକ ଦେଇ ବିରିକଳା ପଞ୍ଚାୟତର ଭାଗଲପୁର୍, ବଳିତା, ଲୋହଣ୍ଡା ସମେତ ଦେଓଝର ପଞ୍ଚାୟତର ୩ ରୁ ୪ ଗ୍ରାମବାସୀ ଯାତାୟାତ କରିଥାନ୍ତି। କିନ୍ତୁ ଏଠାରେ ରେଳ ବିଭାଗ ଫାଟକ ନିର୍ମାଣ କରୁ ନ ଥିବାରୁ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଏଠାରେ ଏକ ଅଣ୍ଡର ପାସ ରାସ୍ତା କିମ୍ବା ଫାଟକ ନିର୍ମାଣ ନିମନ୍ତେ ବିରିକଳା ପଞ୍ଚାୟତର ପକ୍ଷରୁ ବାରମ୍ବାର ସ୍ଥାନୀୟ ଷ୍ଟେଶନ ମ୍ୟାନେଜର, ଡିଆର୍‌ଏମ ଚକ୍ରଧରପୁର୍ ଡିଭିଜନଙ୍କ ନିକଟରେ ଅଭିଯୋଗ କରାଯାଇଛି। ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ଫଳ ମିଳିନାହିଁ। ଅଭିଯୋଗ ଆଧାରରେ ଏମ୍‌ପି ଉକ୍ତ ଅଞ୍ଚଳ ପରିଦର୍ଶନ କରି ଏ ବାବଦରେ ରେଳବାଇର ଜିଏମ୍‌ଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି।

## 'ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗ ହେଉଛି ପ୍ରତିଯୋଗିତା'

ତିହିଡ଼ି,୧୬।୧୧ (ସଞ୍ଜିତ ବଳ)

### ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗଫୁଲ

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତ ଦହପାଣିଆ ଅନୁସୂଚିତ ଜାତି ଜନଜାତି ସରକାରୀ ହାଇସ୍କୁଲରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗଫୁଲ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଊର୍ମିଳା ଗୋଚ୍ଛାୟତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତା ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ବେହେରା, ସୁଜୟ ଚାନ୍ଦ, ସ୍ଥିତପ୍ରଜ୍ଞ ନାୟକ ଓ ଚିରଞ୍ଜୀବ ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ସୋମନାଥ ମଲିକ, ମୋ ସ୍କୁଲ ଅଭିଯାନ ସଭାପତି ରଘୁନାଥ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଜୋନ୍‌ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିବା ବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସନତ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ସହକାରୀ ଶିକ୍ଷକ ଡ. କାଳିପଦ ଦାସ ସଞ୍ଚାଳନା କରିଥିଲେ। ଶଶିକାନ୍ତ ପଣ୍ଡା, କ୍ଷୀରାବ୍ଧୀ ମାଝୀ, ଶାନ୍ତିଲତା ସାମଲ, ତୃପ୍ତିମୟୀ ବେହେରା, ସସ୍ମିତା ସାହୁ, ଯୁବରାଜ ମାଝୀ, ଦିଲୀପ କୁମାର ସେଠ, ସୁଖଲାଲ ମାରାଣ୍ଡି, ସରୋଜ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ନୀତି ବିରୋଧରେ ବ୍ଲକ ଅଫିସ୍ ଘେରାଉ



ପ୍ରତିବାଦ ସଭାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ କର୍ମକର୍ତ୍ତା।

ଧାମନଗର, ୧୬।୧୧ (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି, ଭ୍ରଷ୍ଟାଚାର ଅଭିଯୋଗ ଆଣି ଏହା ବିରୋଧରେ ଭାଜପା ପକ୍ଷରୁ ଗୁରୁବାର ଧାମନଗର ବ୍ଲକ ଅଫିସ୍ ଘେରାଉ କରାଯାଇଥିଲା। ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା ଧାମନଗର ମେଡିକାଲ ବଜାରରୁ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଶତାଧିକ ଭାଜପା କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ବ୍ଲକ ଅଫିସ୍ ନିକଟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ମନୋଜ ମଲ୍ଲିକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଜିଲାରେ ଆବାସ ଯୋଜନାରେ ଦୁର୍ନୀତି, ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ରାଶନ କାର୍ଡରୁ ବଞ୍ଚିତ କରାଯିବା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ୧୨ ରୁ ୫୦ ପ୍ରତିଶତ ପିସି କାରବାର କରାଯାଉଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆବାସ ଯୋଜନାରେ ମହାଘୋଟାଲା ହେବା ସହ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଥିପ୍ରତି ରାଜ୍ୟ ସରକାର କୌଣସି ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଭାଜପାର ସଂଗ୍ରାମ ଜାରି ରହିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ। ଆଗାମୀ ଦିନରେ ଭାଜପା ଏଭଳି ଗୋଟିଏ ଗୋଟିଏ ଦିନ ଜିଲ୍ଲାର ସମସ୍ତ ବ୍ଲକ ଘେରାଉ କରିବା ସହ ଜନ ଜାଗରଣ କରାଯିବ ବୋଲି ନିଷ୍ପତ୍ତି ନେଇଛି।

ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠ ନାଥ ସାହୁ, କୈଳାସ ମହାପାତ୍ର, ଶ୍ରୀଧର ବେହେରା, ଜଗବନ୍ଧୁ ଦାସ, ଦୀପ୍ତିରଞ୍ଜନ ଜେନା, ଶହୀଦ ମଣ୍ଡଳ ସଭାପତି ଅଜୟ ବଳ, ଅନ୍ତର୍ଯ୍ୟାମୀ ନାୟକ, ପ୍ରଶାନ୍ତ ସାହୁ, ଏନ୍‌ଏସିର ଯୁବନେତା ସେକ ହମିଦ, ସେକ ତାଜୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେତେକ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି।

## ବୃଦ୍ଧା ଆଶ୍ରମରେ ପାଳିଲେ ପ୍ରେସ୍ ଦିବସ

ଚମ୍ପୁଆ,୧୬।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଗୁରୁବାର ଗଣମାଧ୍ୟମ ପ୍ରତିନିଧିମାନେ ଏହି ଦିବସ ବୃଦ୍ଧା ଆଶ୍ରମରେ ପାଳିବା ସହିତ ବୃଦ୍ଧା ଓ ବୃଦ୍ଧ ମାନଙ୍କ ସହିତ ଭାବ ଆଦାନ ପ୍ରଦାନ କରିଥିଲେ। ଖବରଦାତା ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ମହେଶ୍ୱର ଦାସ, ଶାନ୍ତନୁ ଦାସ, ସଞ୍ଜିବ ରାଜ, ମହେନ୍ଦ୍ର ମହାନ୍ତ, ଦାଶରଥି ଗିରି, ଛତ୍ରପତି ନାଏକ, ପବିତ୍ର ନାୟକ ପ୍ରମୁଖ ଚମ୍ପୁଆ ସଦର ମହକୁମାସ୍ଥିତ ରାମଲା ଗ୍ରାମରେ ଥିବା ବୃଦ୍ଧା ଆଶ୍ରମ (ହାପି ହୋମ) ଠାରେ ଜାତୀୟ ପ୍ରେସ ଦିବସ ପାଳନ କରିବା ସହ ଅନ୍ତେବାସୀଙ୍କୁ ସୀତବସ୍ତ୍ର ଓ ଫଳ ବଣ୍ଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରମାକାନ୍ତ ପ୍ରଧାନ, ସମ୍ମାନିତ ଅତିଥିଭାବେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଓ ବରିଷ୍ଠ ନାଗରିକ ଗଙ୍ଗାଧର କର ପ୍ରମୁଖ ଯୋଗଦେଇ ଆଶ୍ରମ ପରିଚାଳନା ମୁଖ୍ୟ ସୀତାରା ବେଗମଙ୍କ ପ୍ରୟାସକୁ ପ୍ରସଂସା କରିବା ସହ ସାଧୁବାଦ ପ୍ରଦାନ କରିଥିଲେ।


ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ଖବରଦାତାମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ନଭେମ୍ବର ୨୦୨୩

## ବାଇକ୍ ଦୁର୍ଘଟଣାରେ ୪ ଆହତ

ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ)- ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାରେ ଗୁରୁବାର ବାଇକ୍ ଧକ୍କାରେ ୨ ଅଧ୍ୟାପକଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଠାକୁରମୁଣ୍ଡା ମା' ବସୁଲି ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଜୟନ୍ତ ପାତ୍ର ଓ ସଂସ୍କୃତ ଅଧ୍ୟାପକ ଡ.ମାନସ ଜେନା ସାନ୍ଧ୍ୟ ଭ୍ରମଣରେ ଯାଇ ଚାଲି ଚାଲି ଫେରୁଥିଲେ। ଠାକୁରମୁଣ୍ଡାଠାରୁ ଅଧ କି.ମି. ଦୂର ଜେନା ସାହି ଛକ ନିକଟରେ ଏକ ବାଇକ୍‌ରେ ଆସୁଥିବା କଲେଇଯାଉ ଗ୍ରାମର ରଫେନ୍ଦ୍ର ପାତ୍ର ଓ ପାଟଣା ବ୍ଲକ ବନବୀର ଗ୍ରାମର ପବନା ତନ୍ତି ପଛ ପଟୁ ଅଧ୍ୟାପକ ଦ୍ୱୟଙ୍କୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ।



### ସଂକ୍ଷେପରେ

## ଶିକ୍ଷାବିତ୍‌ଙ୍କ ପରଲୋକ

ବନ୍ତ,୧୬।୧୧ (ହରିନାରାୟଣ ମହାନ୍ତି)–ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ସାହାଡାପଲ୍ଲୀ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିମନ୍ୟୁ ଲେଙ୍କା(୭୬)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ୩ଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମରଶରୀରକୁ ଗ୍ରାମକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଅଭିମନ୍ୟୁ ୧୯୬୯ରେ ନିଳୋକ ହରିହର ମଇ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରି ୨୦୦୫ରେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସୁଜାତା ଜେନା, ବିଜେଡି ନେତା ସେକ୍ ଜଲାଲଉଦ୍ଦୀନ, ଭାଜପା ନେତା ଡ.ସୁଧାଂଶୁ ନାୟକ, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଢିଆରୀ, ବ୍ଲକ ଯୁବ କଂଗ୍ରେସ ନେତା ଜ୍ୟୋତି ରଞ୍ଜନ ନାୟକ, ସରପଞ୍ଚ ପ୍ରତିନିଧି ସନ୍ତୋଷ ନାୟକ, ରବୀନ୍ଦ୍ର ସେଠୀ, ସମିତିସଭ୍ୟ ଉଦ୍ଧବ ସେଠୀ, ଶିକ୍ଷକ ସୁରେନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଟକୃଷ୍ଣ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଜଗଦ୍ଧାତ୍ରୀ ବେଶରେ ଭଦ୍ରକାଳୀ

ଭଦ୍ରକ,୧୬।୧୧ (ସନାତନ ରାଉତ/ରବିନାରାୟଣ ଖିଲାର)– ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ୫ମ ଦିନ ଗୁରୁବାର ଜଗଦ୍ଧାତ୍ରୀ ବେଶରେ ପୂଜା ପାଇଛନ୍ତି। ଏହି ବେଶରେ ମା' ନାଲି ପାଟ ବସ୍ତ୍ର ପରିଧାନ କରିବା ସହ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ମା'ଙ୍କର ମୁଖମଣ୍ଡଳ କୃଷ୍ଣ ବର୍ଣ୍ଣ ଥିବାବେଳେ ବ୍ୟାଘ୍ର ବାହନରେ ମା' ବିରାଜମାନ କରି ଶଙ୍ଖ, ଚକ୍ର, ଗଦା ଓ ଖଡ୍‌ଗ ଧାରଣ କରିଛନ୍ତି। ଜଗତର ପ୍ରତ୍ୟେକ ଜୀବଠାରୁ ଆରମ୍ଭ କରି ବୃକ୍ଷଲତା



ସଜୀବ, ନିର୍ଜୀବ ସବୁଠି ତାଙ୍କର ସତ୍ତା ଅନୁଭବ ହୁଏ। ସେ ଏ ବିଶାଳ ଜଗତକୁ ଧାରଣ କରିଛନ୍ତି। ତାଙ୍କ ଇଚ୍ଛା ବିନା ଗଛର ପତ୍ରଟିଏ ମଧ୍ୟ ହଲି ନ ଥାଏ। ଜଗଦ୍ଧାତ୍ରୀ ବେଶ ଦର୍ଶନ କଲେ ଶକ୍ତି ପ୍ରାପ୍ତ ହେବା ସହ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ କରାଯାଏ। ଶତ ଚଣ୍ଡୀପାଠ, ଗୀତାପାଠ, ବେଦପାଠ ନାମ ସଂକୀର୍ତ୍ତନ ଓ ଭଜନରେ ଏକ ନିଆରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶୁକ୍ରବାର ମା' ଭଦ୍ରକାଳୀ ମହାସରସ୍ୱତୀ ବେଶରେ ଦର୍ଶନ ଦେବେ।

# ହଳଦୀପଦାରେ ଅଟକିଲା ବାରିପଦା-ବାଙ୍ଗିରିପୋଷି ଏକ୍ସପ୍ରେସ

### ଦୀର୍ଘଦିନର ଦାବି ପୂରଣ ହେଲା

ରୂପସା, ୧୬।୧୧(ବାଞ୍ଛାନିଧି ଦେ)

ବହୁ ପ୍ରତୀକ୍ଷିତ ବାରିପଦା ବାଙ୍ଗିରିପୋଷି ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ବାଲେଶ୍ୱର ଜିଲା ଅଧୀନ ହଳଦୀପଦା ଷ୍ଟେଶନରେ ଗୁରୁବାର ଅଟକିଛି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଏହି ଅବସରରେ ସକାଳ ୬ଟା ୩୮ରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ, ରେଳ ଅଧିକାରୀ ହଳଦୀପଦା ଷ୍ଟେଶନରେ ଉପସ୍ଥିତ ରହି ସବୁଜ ପତାକା ଦେଖାଉଛନ୍ତି।

ପୂର୍ବରୁ ବାରିପଦା ଏକ୍ସପ୍ରେସ ହଳଦୀପଦା ଷ୍ଟେଶନରେ ଅଟକୁଥିଲା। କରୋନା କାଳରେ ଏହାର ନିୟମ ପରିବର୍ତ୍ତନ ହେବା ଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜିଥିଲା। ଭାଜପା ସଦର ନେତା



ହଳଦୀପଦା ଷ୍ଟେଶନରେ ବାରିପଦା–ବାଙ୍ଗିରିପୋଷି ଏକ୍ସପ୍ରେସ୍‌କୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପତାକା ଦେଖାଉଛନ୍ତି।

ମାନସ କୁମାର ଦତ୍ତ ଟ୍ରେନର ରହଣି ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ପତ୍ରକୁ ସୁପାରିଶ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଥିଲେ। ଏହି ଚିଠିର ଉତ୍ତର ରେଳମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିଲା। ଉକ୍ତ ଟ୍ରେନ୍‌ର ହଳଦୀପଦାରେ ରହଣି ହେତୁ ପାଖାପାଖି ୧୧ ଗୋଟି ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଜନତା ଉପକୃତ ହେବେ ବୋଲି ଯୁବନେତା ଦତ୍ତ ମତପ୍ରକାଶ କରିଥିଲେ। ଏଥିପାଇଁ ଦତ୍ତ ଓ ସ୍ଥାନୀୟ ଜନସାଧାରଣ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏମ୍‌ପି ଷଡଙ୍ଗୀଙ୍କ ସମେତ ହଳଦୀପଦା ପ୍ରଗତିମଞ୍ଚକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦ ଦାସ ଓ ଜୀବନପ୍ରଦୀପ ଦାଶ, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ରାଧାକୃଷ୍ଣ ଜେନା, ରବୀନ୍ଦ୍ର ମହାନ୍ତି, କାର୍ତ୍ତିକ ପ୍ରଧାନ, ବିଜୟ ସାହୁ, ନିରଞ୍ଜନ ଜେନା, ସଦାଶିବ ଜେନା, ନରେନ୍ଦ୍ର ବର, କିଶୋର ସାହୁ, ଚୈତନ୍ୟ ସାହୁଙ୍କ ସମେତ ହଳଦୀପଦା ପ୍ରଗତି ମଞ୍ଚର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଉତ୍ତରାଖଣ୍ଡରେ ନିର୍ମାଣାଧୀନ ଟନେଲ ଭୁଶୁଡ଼ିବା ଘଟଣା

## ଓଡ଼ିଆ ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପୂଜାର୍ଚ୍ଚନା

ବାଙ୍ଗିରିପୋଷି,୧୬।୧୧(ସଞ୍ଜୟ କୁମାର ଅଗ୍ରୱାଲା)

ଉତ୍ତରାଖଣ୍ଡ ରାଜ୍ୟର ଯମୁନେତ୍ରୀ–ଉତ୍ତରାଖଣ୍ଡ ଜାତୀୟ ରାଜପଥ କାମ ଚାଲିଥିବା ବେଳେ ଟନେଲ ଭୁଶୁଡ଼ି ୫ ଓଡ଼ିଆ ଶ୍ରମିକ ଫସି ରହିଥିବା ବେଳେ ମୟୂରଭଞ୍ଜ ଜିଲାର ୩ଜଣ ରହିଛନ୍ତି। ଗୁରୁବାର ଓଡ଼ିଆ ଶ୍ରମିକମାନେ ସୁରକ୍ଷିତ ଥିବା ନେଇ ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିବା ଜଣାପଡ଼ିଛି। ଟନେଲ ତଳେ ଫସିଥିବା ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ବେଢ଼ାକୁଦର ଗ୍ରାମର ଧୀରେନ ନାଏକ(୩୫) ଓ ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ(୩୮)ଙ୍କ ପରିବାର ଲୋକେ ସେମାନଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ଗୁରୁବାର ସ୍ଥାନୀୟ ଖାଡ଼େଶ୍ୱର ମନ୍ଦିରରେ ବିଶ୍ୱେଶ୍ୱରଙ୍କ ସ୍ତ୍ରୀ ସୁକାନ୍ତି ଓ ଶ୍ୱଶୁର ଘର ପରିବାର ଲୋକେ ପୂଜାର୍ଚ୍ଚନା କରିଥିଲେ।

# ଡିଜିଟାଲ ଯୁଗରେ ଗଣମାଧ୍ୟମର ଦାୟିତ୍ୱ ଉପରେ ଗୁରୁତ୍ୱ



ଖବରଦାତା ଅଜିତ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ

## ଖବରଦାତା ଅଜିତ, ମନୋଜ ସମ୍ବର୍ଦ୍ଧିତ

ବାଲେଶ୍ୱର,୧୬।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଗୁରୁବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ପାଳିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ତାଙ୍କ ସଭାପତିତ୍ୱରେ 'କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟ ପାଇଁ ଆଗେଇ ଆସିଥିବା ଜିଲାର ଖବରଦାତାମାନଙ୍କର ଉତ୍ସର୍ଗୀକୃତ ସେବା ଏବଂ ଠିକ୍ ଖବର ପରିବେଷଣ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି ବୋଲି କହିବା ସହ ଖବରଦାତାଙ୍କୁ ସାଧୁବାଦ ଜଣାଇଥିଲେ।

ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ ଖବରଦାତାଙ୍କ ବୃତ୍ତିଗତ, ସାମାଜିକ ସୁରକ୍ଷା ତଥା ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସନ୍ତୋଷ କୁମାର ନାୟକ ଯୋଗଦେଇ ଡିଜିଟାଲ ଯୁଗରେ ଗଣମାଧ୍ୟମର ଦାୟିତ୍ୱ କିଭଳି ବହୁଗୁଣ ବଢ଼ିଯାଇଛି ତାହା ଉପରେ ସେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲାପାଳ ଶୁଭଶ୍ରୀ ରଥ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ଜିଲା ପ୍ରଶାସନକୁ ନିରନ୍ତର ସହଯୋଗ ନିମନ୍ତେ ଗଣମାଧ୍ୟମର ନିଷ୍ଠାପର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଖବରଦାତା ଅଜିତ କୁମାର ମହାନ୍ତି ଓ ମନୋଜ କୁମାର ବିଶ୍ୱାଳଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଖବରଦାତା ମାନସ ବିଶ୍ୱାଳ, ଶିବଦାସ କୁଣ୍ଡୁ, ବିପ୍ଳବ କୁମାର ମହାନ୍ତି ଓ ଉବାଚକ ମହାନ୍ତି ପ୍ରମୁଖ ସାମ୍ପ୍ରତିକ ଗଣମାଧ୍ୟମର ସ୍ଥିତି, କୃତ୍ରିମ ବୁଦ୍ଧିମତାର ଠିକ୍ ଉପଯୋଗିତା, ଆହ୍ୱାନ ଏବଂ ସମସ୍ୟା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଜାତୀୟ ପ୍ରେସ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ବାଲେଶ୍ୱର ଜିଲାରେ କାର୍ଯ୍ୟରତ ଦିବଙ୍ଗତ ଖବରଦାତା ସତ୍ୟପ୍ରିୟ ମହାନ୍ତି, ରାଧାକୃଷ୍ଣ ସାହୁ, ଧୀରେନ ଚନ୍ଦ୍ର ବେହେରା, ବ୍ରଜକିଶୋର ଜେନାଙ୍କ ସମେତ ଜିଲା, ରାଜ୍ୟ ତଥା ଦେଶର ବିଭିନ୍ନ ଭାଗରେ ପ୍ରାଣ ହରାଇଥିବା କର୍ତ୍ତବ୍ୟରତ ଖବରଦାତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବିଭାଗୀୟ ଅଧିକାରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ଐଶ୍ୱର୍ଯ୍ୟା ସାମନ୍ତ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ସାମଗ୍ରିକ ଅଭିବୃଦ୍ଧିରେ ସହାୟକ ହେବ



କ୍ରୀଡ଼ାବିତ୍‌ଙ୍କ ସହ ଅତିଥିମାନେ।

### ପାଟଣା ମହାବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ

ପାଟଣା,୧୬।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା କ୍ୟାମ୍ପସରେ ଗୁରୁବାରଠାରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ଇଂରାଜୀ ବିଭାଗ ପ୍ରଧ୍ୟାପକ ଅଶ୍ୱିନୀ ସାହୁ, ଓଡ଼ିଆ ପ୍ରଧ୍ୟାପକ ଜଗନ୍ନାଥ ମହନ୍ତ, ପ୍ରଧ୍ୟାପକ ହଳଧର ସାହୁ, ଯୋଗେଶ୍ୱର ପତି, ପୂର୍ଣ୍ଣଚନ୍ଦ୍ର ଦାଶ, ରଜତ ଦାଶ, ରସାୟନ ବିଜ୍ଞାନ ଅଧ୍ୟାପିକା ସୁଚିସ୍ମିତା ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଓଡ଼ିଶା ସରକାର ଓ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଯୁକ୍ତ ୩ ଓ ଯୁକ୍ତ ୨ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ଓ ସାଂସ୍କୃତିକ ବିକାଶ ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଫୁଟବଲ, କ୍ରିକେଟ, ଭଲିବଲ, ଖୋ ଖୋ, କବାଡ଼ି, ବ୍ୟାଡ୍‌ମିଣ୍ଟନ, ଚେସ୍, କ୍ୟାରେମ ଭଳି କ୍ରୀଡ଼ା ହେବାକୁ ଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ, ତର୍କ ଓ ସ୍ୱରଚିତ କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ ଦିନରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

## ଆଜିଠାରୁ ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ୍

କେନ୍ଦୁଝର,୧୬।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ୨୮ ତମ ଜୁନିୟର (ବାଳିକା) ଚାମ୍ପିୟନଶିପ ଶୁକ୍ରବାରଠାରୁ ଆରମ୍ଭ ହେବ। ଖେଳ ୨ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ରାଜ୍ୟର ୧୫ ଜିଲା ଭାଗ ନେବେ। ପ୍ରତ୍ୟେକ ଟିମ୍‌ରେ ୧୬ ଜଣ ଖେଳାଳୀ ଓ ୨ ଜଣ ଟିମ ଅଫିସିଆଲ ଅଛନ୍ତି। ସମସ୍ତ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରି ଲିଗ୍ ମ୍ୟାଚ କରାଯିବ। ପ୍ରତ୍ୟେକ ଗ୍ରୁପରୁ ଗୋଟିଏ ଲେଖାଏ ଟିମ ସେମିଫାଇନାଲକୁ ଯିବେ। ଏଥିସହ ଜିଲାରେ ଖେଳୁଥିବା ପାଖାପାଖି ୧୦୦ ଜଣ ମହିଳା ଓ ପୁରୁଷ ଖେଳାଳିଙ୍କୁ ନେଇ ୧୨ଟି ଦଳ କରି ୨ୟ କେନ୍ଦୁଝର ହ୍ୟାଣ୍ଡବଲ ପ୍ରିମିୟର ଲିଗ ଆରମ୍ଭ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ୧୮ରେ ଡାକ୍ତରଖାନା, ତହସିଲ ଅଫିସ ଆଗରେ ଧାରଣା

କୁଳିଅଣା,୧୬।୧୧(ଆଦିକନ୍ଦ ସାହୁ)

ବିଭିନ୍ନ ଦାବି ନେଇ ଆସନ୍ତା ୧୮ ତାରିଖରେ କୁଳିଅଣା ଡାକ୍ତରଖାନା ଓ ତହସିଲ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ ଗୁରୁବାର ସୁଗୁଦା ମୁର୍ମୁଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳିଅଣା ମଣ୍ଡଳ ସଭାପତି ବିଶ୍ୱନାରାୟଣ ଜିତବାବୁ, ଚାନ୍ଦୁଆ ମଣ୍ଡଳ ସଭାପତି ସୁମନ୍ତ ବେହେରା, ଯୁବମୋର୍ଚ୍ଚା ସଭାପତି ଉତ୍ତମ ବସା, ପିଲହୋରଥ ହାଁସଦା, ଅର୍ଣ୍ଣଡ଼ା ବେହେରା, ସୁଶାନ୍ତ ଶାନ୍ତରା ପ୍ରମୁଖ ଯୋଗଦେଇ



ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ।

ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାଧନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ବାଲି ପରିବହନରେ ବ୍ୟବହୃତ ଟ୍ରାକ୍ଟର ମାଲିକଙ୍କଠାରୁ ତହସିଲ କର୍ତ୍ତୃପକ୍ଷ ଜରିମାନା ଆଦାୟ କରିବା ଓ କୁଳିଅଣା ଡାକ୍ତରଖାନା ସମସ୍ୟା ନେଇ ଏହି ଧାରଣା ଦିଆଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ସୁନାକିଣି ସ୍କୁଟି ଉପହାର ପାଇଲେ




କେନ୍ଦୁଝର,୧୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଉତ୍ତର ଓଡ଼ିଶାର ନିର୍ଭରଯୋଗ୍ୟ ସୁନା ଅଳଙ୍କାର ପ୍ରତିଷ୍ଠାନ ତଥା କେନ୍ଦୁଝର ସହରରେ ଗତ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସୁନା ଓ ରୂପାର ବ୍ୟବସାୟ କରୁଥିବା କନକ ଜୁଏଲେରିରୁ ଗୁରୁବାର ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର କିଣି ମିତ୍ରଭାନୁ ଆପଟ ଗୋଟିଏ ଇ–ସ୍କୁଟି ଉପହାର ପାଇଛନ୍ତି। ଏକ ସ୍ୱତନ୍ତ୍ର ଉପହାର ଯୋଜନାରେ କନକ ଜୁଏଲେରି ତରଫରୁ ଏକକାଳୀନ ସାତଲକ୍ଷ ଟଙ୍କାର ସୁନା ଅଳଙ୍କାର କିଣିଲେ ଏହି ଉପହାର ପ୍ରଦାନ କରାଯାଉଛି। କନକ ଜୁଏଲେରିରେ ୨୨କ୍ୟାରେଟ ସୁନା କିଣିବା ପାଇଁ ଗ୍ରାହକଙ୍କ ସ୍ୱତଃ ଆଗ୍ରହ ପରିଲକ୍ଷିତ ହୋଇଛି। ଏହି ସ୍କିମ ନଭେମ୍ବର ୧୯ ପର୍ଯ୍ୟନ୍ତ ଜାରି ରହିବ।

# ୫ମ ଦିନରେ ଲକ୍ଷାଧିକ ଲୋକଙ୍କ ସମାଗମ

### ଭଦ୍ରକ କାଳୀପୂଜା

ଭଦ୍ରକ,୧୬।୧୧(ସନାତନ ରାଉତ)

ଭଦ୍ରକ କାଳୀପୂଜାର ୫ମ ଦିନରେ ଗୁରୁବାର ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ୧୬ନଂ. ଜାତୀୟ ରାଜପଥରେ ଚରମ୍ପାଠାରୁ ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ଚାରଚକିଆ ଯାନ ଧାଡ଼ି ଲାଗିଥିଲା। ମେଳାରେ ସୁସଜ୍ଜିତ ପୂଜା ମଣ୍ଡପ, ପାର୍ଶ୍ୱମୂର୍ତ୍ତି, ତୋରଣ, ଆଲୋକସଜ୍ଜା, ମୀନାବଜାର, ବିଭିନ୍ନ ପ୍ରକାରର ଦୋଳି ଓ ମନୋହରି ଦୋକାନଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମେଳା ସହ ୪ ଅପେରା ପାର୍ଟି ଯାତ୍ରା ପରିବେଷଣ କରୁଥିବାରୁ ପୂଜାର ମାହୋଲକୁ ଦ୍ୱିଗୁଣିତ କରିଛି। ମେଳାକୁ ଆସୁଥିବା ଅଧିକାଂଶ ଲୋକ ସନ୍ଧ୍ୟାରେ ମେଳା ବୁଲି ସାରି ରାତିରେ ଅପେରା ଦେଖିବାର ସୁଯୋଗ ନେଉଛନ୍ତି।

ମେଳାରେ କଂସା, ପିତ୍ତଳ, ଷ୍ଟିଲ ବାସନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଘରକରଣା ଜିନିଷ ବିକ୍ରି




ଟ୍ରାଫିକ ପୂଜା କମିଟି ମଣ୍ଡପ ତୋରଣ।

ହେଉଥିବା ବେଳେ କାଠରେ ତିଆରି ବିଭିନ୍ନ ପ୍ରକାର ସାମଗ୍ରୀ ଦୋକାନ ରହିଛି। ମେଳାକୁ ଆସିଥିବା ଲୋକେ ଏହି କାଠ ସାମଗ୍ରୀ କିଣିବାକୁ ପସନ୍ଦ କରୁଛନ୍ତି। ବିଭିନ୍ନ ଘରକରଣା ଜିନିଷ କିଣିବା ସହ ଫାଷ୍ଟଫୁଡ଼ ଓ ଠୁଙ୍କାପୁରୀ ଖାଇବାର ମଜା ନେଉଛନ୍ତି ଲୋକେ। ବିଭିନ୍ନ ଜିଲାରୁ ଆସିଥିବା ବଡ଼ ବଡ଼ ଦୋକାନୀମାନେ ତାଙ୍କର ପସରା ମେଲାଇଥିବା ବେଳେ ଦହିବରା, ଗୁପ୍‌ଚୁପ୍, ଦୋସା, ଠୁଙ୍କାପୁରୀ, କଟ୍‌ଲେଟ୍, ମଥୁରା କେକ୍ ଖାଇବା ପାଇଁ ଲୋକଙ୍କ ଭିଡ଼ ଲାଗୁଛି। ପଶ୍ଚିମବଙ୍ଗର ବ୍ୟବସାୟୀମାନେ ମେଳାରେ ବିଭିନ୍ନ ରଙ୍ଗବେରଙ୍ଗର ମାଛଧରା ଜାଲ ଝୁଲାଇଥିବା ବେଳେ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ଜମିଥିଲା।

# ପୂଜା ପାଉଛନ୍ତି ମା' ଦକ୍ଷିଣେଶ୍ୱରୀ, ଚାନ୍ଦବାଲି ଚଳଚଞ୍ଚଳ

ଚାନ୍ଦବାଲି,୧୬।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ପାଞ୍ଚପଡ଼ା ଗ୍ରାମରେ ସାଢ଼େ ୫ ଫୁଟ୍ ଉଚ୍ଚତା ବିଶିଷ୍ଟ କଳା ମୁଗୁନି ପଥରରେ ନିର୍ମିତ ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରରେ ପୂଜା ପାଉଛନ୍ତି। କାଳୀପୂଜା ପାଇଁ ମନ୍ଦିର ଉତ୍ସବମୁଖର ହୋଇଥିବା ବେଳେ ଚାନ୍ଦବାଲି ଅଞ୍ଚଳ ଚଳଚଞ୍ଚଳ ହୋଇଛି। ରବିବାରଠାରୁ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଥିବା ବେଳେ ୧୦ଦିନ ଧରି ଚାଲିବ। ପ୍ରତ୍ୟେହ ସନ୍ଧ୍ୟାରେ ଲୋକଙ୍କ ଗହଳି ଲାଗୁଥିବା ବେଳେ ମା'ଙ୍କ ମୂର୍ତ୍ତି ଓ ପାର୍ଶ୍ୱ ମୂର୍ତ୍ତି, ସୁସଜ୍ଜିତ ଆଲୋକମାଳା ଓ ତୋରଣ ଆକର୍ଷିତ କରୁଛି। ଅମାବାସ୍ୟାଠାରୁ ୭ଦିନ ପର୍ଯ୍ୟନ୍ତ ମହାଯଜ୍ଞ, ଚଣ୍ଡିପାଠ ସହ ୧୩ଦିନ ଯାତ୍ରା ପରିବେଷଣ କରାଯାଉଛି।

୧୮୮୮ ମସିହା ନଭେମ୍ବର ୨୦ରେ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହଧର୍ମିଣୀ ଶାରଦା ଦେବୀ କୋଲକାତାରୁ ଷ୍ଟିମର ଯୋଗେ ଚାନ୍ଦବାଲିକୁ ଆସି ପୁରୀକୁ ଯିବା ଅବସରରେ ନୃତ୍ୟ ଶବ୍ଦ ଶୁଣି ପାଞ୍ଚପଡ଼ା ଗାଁ ମୁଣ୍ଡରେ ଥିବା ଶ୍ମଶାନ ନିକଟକୁ ଆସିଥିଲେ। ସେଠାରେ ଶ୍ରଦ୍ଧା ଓ ଭକ୍ତିରେ ନିବେଦନ କରିବା ପରେ ମା' ବିରାଜମାନ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଚଣ୍ଡୀ ପୁରାଣ ଅନୁସାରେ ୧୯୨୬ଠାରୁ ପାଞ୍ଚପଡ଼ା ଗ୍ରାମରେ ମା'ଙ୍କର ଧ୍ୱଜା ଉଡ଼ିଥିଲା। ପାଞ୍ଚଖଣ୍ଡ ଗ୍ରାମର ଲୋକଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ପ୍ରଥମେ ଏକ ଚାଳିଆରେ ଶିଳ୍ପୀ ଗୋଲଖ ପତିଙ୍କ ଦ୍ୱାରା ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସେତେବେଳେ ୩ ଦିନ ମା'ଙ୍କର ପୂଜା ପାଳନ କରାଯାଉଥିଲା। ୬୧ ବର୍ଷ ପରେ ଖିଚିଂରୁ ମା'ଙ୍କର ପାଷାଣ ବିଗ୍ରହ ଅଣାଯାଇ ପ୍ରତିଷ୍ଠା କରାଯାଇଥିଲା। ଯାଜପୁର ଜିଲାର ପଣ୍ଡିତ ଗଦାଧର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଷ୍ଟ ଧାତୁରେ ନିର୍ମିତ ଏକ ପ୍ଲେଟ ଉପରେ ମହା ଭୈରବୀ ଚକ୍ର ଅଙ୍କିତ କରାଯାଇ ତାହା ଉପରେ ମା'ଙ୍କର ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ୩୦୮ଜଣ ବ୍ରତଧାରୀ ମହିଳାଙ୍କ ଏକ ବିଶାଳ କଳସ ଶୋଭାଯାତ୍ରା ଚାନ୍ଦବାଲି ସହର ପରିକ୍ରମା ପରେ ବୈତରଣୀ ନଦୀରୁ ପାଣି ଆଣି ମା'ଙ୍କ ବିଗ୍ରହକୁ ସ୍ନାନ କରାଇଥିଲେ। ଶାରଦା ଦେବୀଙ୍କ ଚାନ୍ଦବାଲି ଗସ୍ତ ଯୋଗୁ ଏଠାରେ ମା'କାଳୀଙ୍କ ବିଗ୍ରହ ପ୍ରତିଷ୍ଠା ହୋଇପାରିଥିବା କିମ୍ବଦନ୍ତୀ ରହିଛି।



ମା' ଦକ୍ଷିଣେଶ୍ୱରୀ କାଳୀ।



କାଳୀପୂଜା ପାଇଁ ନିର୍ମିତ ତୋରଣ।

